



## ମଦ ଜବତ: ୨ଗିରଫ

କଟକ, ୧୬ ।୧(ସମିସ): ଆଠଗଡ଼ ଜଙ୍ଗଲରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଆଜି ଚଢ଼ଉ କରାଯାଇଛି । ଜଙ୍ଗଲ ମଧ୍ୟରେ ଥିବା ମଦ ଆଡ୍ଡାରେ ପଶି ଅବକାରୀ ବିଭାଗର ସ୍କ୍ୱାଡ୍ ୨ ମଦ ମାଫିଆ ପରମାନନ୍ଦ ଦେହୁରୀ(୨୭) ଓ ସୁଦାମ ଜାତ(୫୫)କୁ ଗିରଫ କରିଛି । ଅବକାରୀ ବିଭାଗ ଏମାନଙ୍କ ନିକଟରୁ ୭ ଲକ୍ଷ ଟଙ୍କାର ଦେଶୀ ରନ୍ଧା ମଦ ଓ ପୋଚ ଜବତ କରିଛି । ଗିରଫ ପରେ ୨ ଅଭିଯୁକ୍ତଙ୍କୁ ଆଠଗଡ଼ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଛି । ଅବକାରୀ ସ୍କ୍ୱାଡ୍ ସୂଚନା ଅନୁଯାୟୀ, ଜିଲ୍ଲା ଅବକାରୀ ଏସ୍‌ପି ଦେବାଶିଷ ପଟେଲ୍‌ଙ୍କ ନିର୍ଦ୍ଦେଶକ୍ରମେ ଆଜି ଏହି ଚଢଉ କରାଯାଇଥିଲା । ଘଞ୍ଚ ଜଙ୍ଗଲରେ ଗଛ ବୁଦା ଭିତରେ ମଦ ଓ ପୋଚକୁ ଲୁଚାଇ ରଖାଯାଇଥିଲା । ଚଢ଼ଉ ସମୟରେ ଏସବୁ କାରବାର ସାମ୍ନାକୁ ଆସିଥିଲା । ଏହି ଚଢ଼ଉ ସମୟରେ ୩ ହଜାର ୫୭୦ ଲିଟର ପୋଚ ଓ ୩୧୫ ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇଥିଲା ।

## ହିନ୍ଦୁସେନା ପକ୍ଷରୁ ବିକ୍ଷୋଭ

କଟକ, ୧୬।୧ (ସମିସ): ବକ୍ସି ବଜାର ସ୍ଥିତ ସରକାରୀ ପ୍ରାଣୀ ଚିକିତ୍ସାଳୟରେ ଅବବ୍ୟସ୍ଥା ନେଇ ହିନ୍ଦୁସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସରକାରୀ ପ୍ରାଣୀ ଚିକିତ୍ସାଳୟରେ ମେଡିସିନର ଅଭାବର ରହିଥିବାବେଳେ ଘରୋଇ ମେଡିସିନ ଦୋକାନରୁ ପଶୁ ମାଲିକମାନଙ୍କୁ ଔଷଧ କିଣିବାକୁ ପଡୁଛି । ଏପରିକି ନିର୍ଦ୍ଦିଷ୍ଟ ଔଷଧ ଦୋକାନରୁ ସମସ୍ତ ଔଷଧ ଓ ସିରିଞ୍ଜ ଆଣିବାକୁ କୁହାଯାଉଛି । ଏପରିକି ପ୍ରେସ୍କ୍ରିପ୍‌ସନ୍ ତଳ ଭାଗରେ ଡାକ୍ତରଙ୍କ ନମ୍ବର ଦେଇ ଟଙ୍କା ମଗାଯାଉଥିବା ଅଭିଯୋଗ ହୋଇଛି । ତୁରନ୍ତ ଏହି କାର୍ଯ୍ୟରେ ସମ୍ପୃକ୍ତ ଥିବା ବ୍ୟକ୍ତିକୁ ବହିଷ୍କାର କରିବା ନେଇ ଦାବି ହୋଇଛି । ଅନ୍ୟପକ୍ଷରେ ସରକାରୀ ପ୍ରାଣୀ ଚିକିତ୍ସାଳୟ ଡା. ବିକାଶ ବେହେରା କହିଛନ୍ତି ଯେ, ଦେଢ ବର୍ଷ ହେବ ଡାକ୍ତରଖାନାରେ ପ୍ରେସ୍କ୍ରିପ୍‌ସନ୍ ପ୍ୟାଡ୍ ନାହିଁ । ସେଥିପାଇଁ ଉକ୍ତ ଦୋକାନ ଏହି ପ୍ୟାଡ୍ ଯୋଗାଉଛି । କୌଣସି ଟଙ୍କା ମଗାଯାଉ ନାହିଁ । ଏହି ଟଙ୍କା ମାଗିବା ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ଭିତିହୀନ ରହିଛି ବୋଲି ସେ ମତ ଦେଇଛନ୍ତି ।

## 'ସମାଜ' ବାର୍ତ୍ତା ସମ୍ପାଦକଙ୍କ ପିତୃବିୟୋଗ

ଗରଦପୁର, ୧୬।୧ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଗରଦପୁର ବ୍ଲକ୍ ପତିସାହି ଗ୍ରାମର ବୟୋଜ୍ୟେଷ୍ଠ ନାଗରିକ ତଥା ସମାଜର ବାର୍ତ୍ତା ସମ୍ପାଦକ ପ୍ରସନ୍ନ କୁମାର ପତିଙ୍କ ପିତା ସନାତନ ପତିଙ୍କ ଗତ ରାତିରେ ପରଲୋକ



ଘଟିଛି । ତାଙ୍କୁ ୮୪ବର୍ଷ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମଝିଆ ପୁଅ ଅରୁଣ କୁମାର ପତି, ପୁତ୍ରବଧୂ ଗୀତାଞ୍ଜଳି ପତି, ଅଧ୍ୟାପିକା ଶାନ୍ତିଲତା ପାଢ଼ୀ, ଲିଲିନ ପାଣି ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମ ନିକଟ ଚିତ୍ରୋତ୍ପଳା ପାର୍ଶ୍ୱସ୍ଥ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ ପୁଅ ପ୍ରାଧ୍ୟାପକ ତପନ କୁମାର ପତି ମୁଖାଗ୍ନି ଦେଇଥିଲେ । ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ଲୋକସେବକ ମଣ୍ଡଳ ଓଡ଼ିଶା ଶାଖା ଅଧ୍ୟକ୍ଷ ନିରଞ୍ଜନ ରଥ, ସମାଜର ସମ୍ପାଦକ ଡ. ପ୍ରମୋଦ ମହାପାତ୍ର, ମହାପ୍ରବନ୍ଧକ ଶିବରାମ ମିଶ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି । ସମାଜସେବୀ ଶରତ ଚନ୍ଦ୍ର ସାମଲ, ସମାଜ ରିଲିଫ କମିଟି ଅଧ୍ୟକ୍ଷ ଡ. ପ୍ରଭାସ ଆଚାର୍ଯ୍ୟ, ଗରଦପୁର ସରପଞ୍ଚଙ୍କ ପ୍ରତିନିଧି ବାବୁ ରମାକାନ୍ତ, ସାମ୍ବାଦିକ ବିବେକାନନ୍ଦ ସ୍ୱାଇଁ, ଗରଦପୁର ସାମ୍ବାଦିକ ଶ୍ରୀକାନ୍ତ ନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଶୁଭେଚ୍ଛୁ ସ୍ୱର୍ଗତ ପତିଙ୍କ ଶେଷ ଦର୍ଶନ କରିଥିଲେ ।

ଐତିହାସିକ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ଲୋକାର୍ପଣ ଅବସରରେ...

# କାଳିଆ ପ୍ରେମରେ ରୌପ୍ୟନଗରୀ ଉତ୍ସବମୁଖର

କଟକ, ୧୬ ।୧(ସମିସ):

ଭକତ ଭାବରେ ବନ୍ଧା ମହାବାହୁଙ୍କ ଶ୍ରୀକ୍ଷେତ୍ରରେ ଯୋଡି ହେଉଛି, ଆଉ ଏକ ସ୍ୱର୍ଣ୍ଣିମ ପୃଷ୍ଠା । ଏଣିକି ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ଶାନ୍ତିପୂର୍ଣ୍ଣ ପରିକ୍ରମା କରିପାରିବେ । ପୌଷ ଶୁକ୍ଳ ସପ୍ତମୀରେ ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହେବ । ଏହି ଅବସରରେ କଟକର ମନ୍ଦିର ଗୁଡ଼ିକ ହୋଇଛି ଉତ୍ସବମୁଖର । ପୁରୀ ଯାଇ ପାରୁ ନ ଥିବା ଭକ୍ତମାନେ କଟକ ସହରରେ ଥିବା ଜଗନ୍ନାଥ ମନ୍ଦିର ଓ ଶିବ ମନ୍ଦିର ଗୁଡ଼ିକରେ ଏହି ଭବ୍ୟ ଉତ୍ସବକୁ ଅନୁଭବ କରିବାର ବ୍ୟବସ୍ଥା କରାଯାଇଛି ।

"ଦିବ୍ୟ ଆନନ୍ଦରେ ଭକ୍ତମାନେ ଚାହିଁ ରହିଛନ୍ତି, ସେହି ବହୁ ପ୍ରତୀକ୍ଷିତ ମୁହୂର୍ତ୍ତକୁ । ଐତିହାସିକ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ର ଲୋକାର୍ପଣ ଉତ୍ସବ ଆଜି । ଏହି ଅବସରରେ ରୌପ୍ୟନଗରୀ କଟକ ସହର ହୋଇଛି ଉତ୍ସବମୁଖର । ଏହା ହେଉଛି ସମଗ୍ର ଓଡିଆ ଜାତି ପାଇଁ ଏକ ଉତ୍ସବର ଦିନ । ଏହି ଉତ୍ସବ ଧୂମ୍‌ଧାମ୍‌ରେ କଟକ ସହରରେ ମଧ୍ୟ ପାଳନ କରାଯାଉଛି । ପ୍ରତି ଘରେ ଦୀପ ଜାଳିବା, ଶଙ୍ଖ ଫୁଙ୍କିବା, ଘଣ୍ଟ ବଜାଇବା, ଭଜନ ଗାନ କରିବା, କୀର୍ତ୍ତନ କରିବା ଓ ପ୍ରଭୁଙ୍କ ନାମ ଜପ କରିବା ପାଇଁ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି । ବିଶ୍ୱନିୟନ୍ତାଙ୍କ ଏହି ଉତ୍ସବକୁ ନିଜ ଭାବରେ ଆନନ୍ଦ, ଭକ୍ତି ଓ ସମର୍ପଣ ସହକାରେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିବେଦନ କରିଛନ୍ତି । କଟକ ସହରର ୧୩ଟି ମନ୍ଦିରରେ ପରିକ୍ରମା ପ୍ରକଳ୍ପର ସିଧା ପ୍ରସାରଣ ବ୍ୟବସ୍ଥା ହୋଇଥିବା ବେଳେ ଶ୍ରଦ୍ଧାଳୁମାନେ ସକାଳ ୭ଟାରୁ ଆନନ୍ଦ, ଭକ୍ତି ଓ ସମର୍ପଣ ଭାବ ସହ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଏହି ଉତ୍ସବ ପାଳନ କରି ଆଶୀର୍ବାଦ ଲାଭ କରିବେ ।"

### ୧୩ଟି ମନ୍ଦିରରେ ସିଧା ପ୍ରସାରଣ

ସକାଳ ୭ଟାରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ ସହରବାସୀ ଦେଖିପାରିବେ । ଏଥି ନିମନ୍ତେ କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ୧୩ଟି ମନ୍ଦିରରେ ସିଧା ପ୍ରସାରଣ ବ୍ୟବସ୍ଥା କରାଯାଇଛି । ସିଡିଏସ୍ଥିତ ଜଗନ୍ନାଥ ମନ୍ଦିର, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ଖାନନଗର ଅମ୍ବିକା ମନ୍ଦିର, ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର, ଧାକୁଲେଇ ପୀଠ, ନୂଆପଡ଼ା ଜଗନ୍ନାଥ ମନ୍ଦିର, ଗଡ଼ଗଡ଼ିଆ ମନ୍ଦିର, ଜଗତପୁର ତରୋଳ ଜଗନ୍ନାଥ ମନ୍ଦିର, ରାଣୀହାଟ ଜଗନ୍ନାଥ ମନ୍ଦିର, ବାଲିକୁଦା ଜଗନ୍ନାଥ ମନ୍ଦିର, କାଳୀମନ୍ଦିର, ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିର, ମହାନଦୀ ବିହାର ଜଗନ୍ନାଥ ମନ୍ଦିର ପରିସରରେ ଲୋକମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସିଧାପ୍ରସାରଣ ଦେଖିପାରିବେ ।



### ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ସହର ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳଙ୍କୁ ସମାଗମ ହେବ । ଏଥିପାଇଁ ବିଭିନ୍ନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପକ୍ଷରୁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି । ଯେଉଁ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ ନିମନ୍ତେ ଆସିବେ ସେମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଛି । ଚାନ୍ଦିନୀଚୌକ, ଦୋଳମୁଣ୍ଡାଇ, ବକ୍ସି ବଜାର ଆଦି ଅଞ୍ଚଳକୁ ମିଶାଇ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ବ୍ୟବସ୍ଥା କରାଯାଇଛି ।

### ସାହି ପରିକ୍ରମା, ବଣ୍ଟାଗଲା ୧୫ ହଜାର ରସଗୋଲା

ଠାକୁର ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଉପଲକ୍ଷେ କଟକ ମାରୱାଡି ଭକ୍ତ ମଣ୍ଡଳୀ ସହଯୋଗରେ ଏକ ସାହି ପରିକ୍ରମା ଅନୁଷ୍ଠିତ ହୋଇଯାଇଛି । କିମ୍ବଦନ୍ତୀ କୁହେ ଠାକୁର ଗୋପିନାଥଜୀଉ ରସଗୋଲା ଖାଇବାକୁ ବହୁତ ଭଲ ପାଆନ୍ତି । ତାହାକୁ ସ୍ମରଣ କରି ଆଜି ମାରୱାଡି ଭକ୍ତମାନେ ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ପରିପ୍ରେକ୍ଷୀରେ ଏହି ଶୋଭାଯାତ୍ରା ହୋଇଥିଲା । ନୟାସଡ଼କ- ଚୌଧୁରୀବଜାର, ଜାଉଁଳିଆପଟି, ମାଣିକଘୋଷ ବଜାର, ମାରୱାଡି କ୍ଲବ ଦେଇ ଭକ୍ତମାନେ ଗୋପୀନାଥ ମନ୍ଦିରରେ ପହଞ୍ଚିଥିଲେ । ଏହି କାର୍ଯ୍ୟକ୍ରମରେ ବାଟ ସାରା ପ୍ରାୟ ୧୫ ହଜାର ରସଗୋଲା ଶ୍ରଦ୍ଧାଳୁମାନଙ୍କୁ ବଣ୍ଟାଯାଇଥିଲା । ସମସ୍ତ ସାହି କମିଟି ମୁରବି ମାନେ ମଧ୍ୟ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । କଟକ ମେୟର ସୁବାସ ସିଂହ ଆଜି ଏହି ପରିକ୍ରମାରେ ଯୋଗଦେଇଥିଲେ ।

### ଦିନସାରା ଚାଲିବ ଭଜନ ସମାରୋହ

ସହରରେ ଥିବା ସମସ୍ତ ଜଗନ୍ନାଥ ମନ୍ଦିର ସମେତ ବିଭିନ୍ନ ଦେବାଳୟରେ ଦିନସାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି । ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜଗନ୍ନାଥ ଉପରେ ଆଧାରିତ ଭଜନ ସମାରୋହ ଅନୁଷ୍ଠିତ ହେବ । ସେହିଭଳି ଭାଗବତ ପାଠ ସହ ଜଣାଣଗାନ ମଧ୍ୟ କରାଯିବ ।

### ପ୍ରଦର୍ଶିତ ହେବ ନାଟକ 'ଶ୍ରୀରଙ୍ଗା ଚରଣ ତଳେ'

ଅନ୍ନପୂର୍ଣ୍ଣା ଥିଏଟରରେ 'ବି ଗ୍ରୁପ୍' ପକ୍ଷରୁ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ନାଟକ 'ଶ୍ରୀରଙ୍ଗା ଚରଣ' ପ୍ରଦର୍ଶିତ ହେବ । ଏହି ନାଟକ ପ୍ରଦର୍ଶିତ କରିବାକୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଏହି ନାଟକ ରାଜ୍ୟର ସମସ୍ତ ଜିଲ୍ଲାରେ ପରିବେଷଣ କରାଯିବ ବୋଲି ସୂଚନା ରହିଛି ।

## ଭଜନ ସମାରୋହ ଓ ସମ୍ମାନ ପ୍ରଦାନ ଉତ୍ସବ

କଟକ, ୧୬ ।୧(ସମିସ): ସ୍ଥାନୀୟ ଦୋଳମୁଣ୍ଡାଇ ଶ୍ରୀଶ୍ରୀ ପତିତପାବନଜିଉଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ୩୨ତମ ବାର୍ଷିକ ଅଖଣ୍ଡ ଭଜନ ସମାରୋହ ଓ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ



ହୋଇଯାଇଛି । ପବିତ୍ର ମକର ସଂକ୍ରାନ୍ତି ଅବସରରେ ପ୍ରତ୍ୟୁଷରୁ ଅନୁଷ୍ଠାନର ସଭାପତି ସୁବାସ ଚନ୍ଦ୍ର ଦାଶ ଶ୍ରୀ ଶ୍ରୀ ପତିତପାବନ ଜୀଉଙ୍କଠାରୁ ଆଜ୍ଞାମାଳ ଗ୍ରହଣ କରିଥିଲେ । ନୀରଦ ଆର୍ଯ୍ୟଙ୍କ ଦ୍ୱାରା ବେଦପାଠ, ଗୀତାପାଠ ଓ ଉପନିଷେଦ ପାଠ ପରେ ସାଧାରଣ ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ ପ୍ରାରମ୍ଭିକ ଭକ୍ତି ସଙ୍ଗୀତ ଗାନ କରିଥିଲେ । ସନ୍ଧ୍ୟାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଆୟକର ବିଭାଗର ଡେପୁଟି କମିଶନର୍ ଦୁର୍ଗାପ୍ରସାଦ ମହାପାତ୍ର ମୁଖ୍ୟଅତିଥି, ମହେଶ୍ୱର ରାଓ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ହରିପୁର ସାହି ଅଧିକାରୀ ହରେକୃଷ୍ଣ ପ୍ରଧାନ, ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ବ୍ରଜକିଶୋର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଅନୁଷ୍ଠାନ ପକ୍ଷରୁ ଚଳିତ ବର୍ଷ-୨୦୨୪ ମସିହା ପାଇଁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାମ, ଗୀତିକାର ରାଧାନାଥ ଦାସ ଓ ପୀତାମ୍ବର ମିଶ୍ର, ବିଶିଷ୍ଟ କଣ୍ଠଶିଳ୍ପୀ ବାଦଲ କୁମାର ଆଚାର୍ଯ୍ୟ ଓ ବାଦ୍ୟ (ଗୀତାର) ଶିଳ୍ପୀ ଭାବରେ ରବିଶଙ୍କର ପ୍ରଧାନଙ୍କୁ ଶ୍ରୀ ଜଗନ୍ନାଥ ସମ୍ମାନ ପ୍ରଦାନ କରାଯାଇଥିଲା । ପରିଷଦ ପକ୍ଷରୁ ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ ସଦସ୍ୟଙ୍କୁ ଓ ହରିପୁର-ଦୋଳମୁଣ୍ଡାଇ ପୂଜା କମିଟିର ପୂର୍ବତନ ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା । ଉଭୟ କମିଟି ପକ୍ଷରୁ ଲିଙ୍ଗରାଜ ହାତୀଙ୍କ ସଂଯୋଜନାରେ ପରିଷଦର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## 'ଆଠଗଡ଼ ପ୍ରହରୀ'ର ୨୩ତମ ସ୍ୱନକ୍ଷତ୍ର ଉତ୍ସବ




କଟକ, ୧୬ ।୧(ସମିସ): ଆଠଗଡ଼ରୁ ପ୍ରକାଶିତ ସାପ୍ତାହିକ ଖବରକାଗଜ 'ଆଠଗଡ଼ ପ୍ରହରୀ'ର ୨୩ତମ ସ୍ୱନକ୍ଷତ୍ର ଉତ୍ସବ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି । ଏଥିରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଶିକ୍ଷାବିତ୍ ଦାଶ୍ ବେନହୁର୍ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଗୀତିକାର ପଞ୍ଚାନନ ନାୟକ, ବିଶିଷ୍ଟ ଅତିଥି ଭାବେ ସତ୍ୟ ପ୍ରକାଶ ନାୟକ, ସମ୍ମାନିତ ଅତିଥି ସମାଜସେବୀ ସୌମିତ୍ର ଲେଙ୍କା ଯୋଗଦେଇଥିଲେ । ଆଠଗଡ଼ ପ୍ରହରୀର ପ୍ରତିଷ୍ଠାତା ସ୍ୱର୍ଗତ ନାରାୟଣ ଦାସଙ୍କ ସ୍ମୃତିରେ ଏକ ମିନିଟର ନୀରବ ପ୍ରାର୍ଥନା ପରେ ଅତିଥିମାନଙ୍କୁ ଅମୃତ ସନ୍ତାନ ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଥିଲା । ସମ୍ପାଦିକା ବବିତା ଦାସ ସମ୍ପାଦକୀୟ ପାଠ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସଙ୍ଗୀତ ବିଷାରଦ ଚପଳା ସ୍ୱାଇଁ, ପରିବେଶବିତ୍ ଅଧ୍ୟାପକ ପ୍ରିୟବ୍ରତ ପାତ୍ର, ଯୁବ ସାମ୍ବାଦିକ ମନୋରଞ୍ଜନ ମହାନ୍ତି, ସରପଞ୍ଚ କଳ୍ପନା ଛତାର, ସାମ୍ବାଦିକ ଶିବବ୍ରତ ଦାସ, ଶିକ୍ଷାପ୍ରେମୀ ତୃପ୍ତିଶ୍ରୀ ଦାସ, ଶିଳ୍ପଦ୍ୟୋଗି ସଞ୍ଜୟ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପକ ଦିନେଶ ଦାସ ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ସାମ୍ବାଦିକ ସତ୍ୟବ୍ରତ ଦାସ ସ୍ୱାଗତ ଭାଷଣ ରଖିଥିଲେ । ମୁଖ୍ୟ ସମ୍ପାଦିକା ନଳିନୀ ପ୍ରଭା ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ପରିଚାଳକ ଶୈଳେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

## ସ୍ୱର୍ଣ୍ଣ ଜିତିଲେ ରାଜା

କଟକ, ୧୬।୧ (ସମିସ): ମହାରାଷ୍ଟ୍ରରେ ଆୟୋଜିତ ଜାତୀୟସ୍ତରର ଜଳକ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବା ସହ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି କଟକର ରାଜା ଅହମ୍ମଦ ଖାନ । ୧୫ବର୍ଷରୁ କମ୍ ବୟସ ବର୍ଗରେ ସେ ରାଜ୍ୟ



ନିମନ୍ତେ ପ୍ରତିନିଧିତ୍ୱ କରୁଥିଲେ । ୱିଣ୍ଡ ସର୍ଫିଙ୍ଗ ଇଭେଣ୍ଟରେ ଭାଗ ନେଇଥିବା ରାଜା ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏହି ବର୍ଗରେ ଅନେକ ନୌସେନା ଅଧିକାରୀଙ୍କ ସନ୍ତାନ ମଧ୍ୟ ଭାଗ ନେଇଥିଲେ । ମାତ୍ର ସମସ୍ତଙ୍କୁ ପଛରେ ପକାଇ ଏହି ସଫଳତା ପାଇଛନ୍ତି ରାଜା । ନିମଚୌଡି ଅଞ୍ଚଳର ନସିମ ଖାନଙ୍କ ପୁତ୍ର ରାଜା ଷ୍ଟିୱାର୍ଟ ସ୍କୁଲର ୯ମ ଶ୍ରେଣୀର ଛାତ୍ର ଅଟନ୍ତି । ତାଙ୍କର ଏହି ସଫଳତା ନେଇ ଓଡ଼ିଶା ୟାଚିଂ ସଂଘ ସଭାପତି ସୁବାଷ ଦାସ, ସଞ୍ଜୟ କର, ବିଶ୍ୱଜିତ ମହାପାତ୍ର, ସମ୍ପାଦକ ସବୀର ବକ୍ସ ଶୁଭେଚ୍ଛା ଜଣାଇଛନ୍ତି ।

## ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତରଙ୍କୁ ୨ବର୍ଷ ଜେଲ୍

କଟକ, ୧୬ ।୧ (ସମିସ): ଯାଜପୁର ଜିଲ୍ଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ର ପୂର୍ବତନ ମେଡିକାଲ ଅଫିସର ତଥା ବର୍ତ୍ତମାନ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର କରୁଣାକର ରାଉତଙ୍କୁ ଲାଞ୍ଚ ନେବା ମାମଲାରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି । ଭିଜିଲାନ୍ସ ଅଦାଲତ ତାଙ୍କୁ ୨ବର୍ଷ ଜେଲ୍ ଓ ୧୦ ହଜାର ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି ।

୨୦୧୪ରେ ରାଜ୍ୟ ଟିମ୍ ପକ୍ଷରୁ ମଧୁବନ ସିଏଚ୍‌ସିରେ ଏମ୍‌ଡିଏ ଯାଞ୍ଚ ସମୟରେ ଜଣେ ଚୁକ୍ତିଭିତ୍ତିକ ସ୍ୱାସ୍ଥ୍ୟକର୍ମୀ ଅନୁପସ୍ଥିତ ଥିଲେ । ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ନିମନ୍ତେ ସମ୍ପୃକ୍ତ ସ୍ୱାସ୍ଥ୍ୟ କର୍ମୀଙ୍କଠାରୁ ଲାଞ୍ଚ ଗ୍ରହଣ କରି ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ । ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଚାର୍ଜସିଟ୍ ମଧ୍ୟ ଦାଖଲ ହୋଇଥିଲା । କଟକ ଭିଜିଲାନ୍ସ ଡିଭିଜନ୍‌ର ପ୍ରାକ୍ତନ ଡିଏସପି ଭରତ ଚନ୍ଦ୍ର ସେଠୀ ଏହି ମାମଲାର ତଦନ୍ତ କରିଥିଲେ । ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସର୍ବେଶ୍ୱର ବାରିକ ଓ ଏପିପି ଦୀପକ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ । ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର ନିମନ୍ତେ ପାଇଁ ଭିଜିଲାନ୍ସ ପକ୍ଷରୁ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି ।

**ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ**

## ନୂଆବଜାର ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ସରକାରୀ ଆଇଟିଆଇ ପରିଦର୍ଶନ

କଟକ, ୧୬।୧ (ସମିସ): ନୂଆ ବଜାର ହାଇସ୍କୁଲର ଛାତ୍ରଛାତ୍ରୀ ଖପୁରିଆସ୍ଥିତ ସରକାରୀ ଆଇ ଟି ଆଇ ପରିଦର୍ଶନ କରିଛନ୍ତି । ଶିକ୍ଷକ ଅରୁଣ କୁମାର ପରିଡ଼ାଙ୍କ ନେତୃତ୍ୱରେ ସେମାନେ ବୈଷୟିକ ଶିକ୍ଷା କେନ୍ଦ୍ରର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ । ଆଇଟିଆଇ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ବୈଷୟିକ ଜ୍ଞାନ ପ୍ରୟୋଗ କରାଯାଇ ପ୍ରସ୍ତୁତ ହୋଇଥିବା ପ୍ରକଳ୍ପ ଗୁଡ଼ିକ ବୁଲି ଦେଖି ଥିଲେ । ପରିଦର୍ଶନ ସମୟରେ ଆଇ ଟି ଆଇ ର ଅଧ୍ୟକ୍ଷ, ଅଟୋ ମୋବାଇଲ ବିଭାଗର ପ୍ରଶିକ୍ଷକ ଉପସ୍ଥିତ ଥିଲେ ।

୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନର ପ୍ରସ୍ତୁତି

## ରେଭେନ୍ସା ଓ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟରେ ହେବ ଭୋଟ୍ ଗଣତି କେନ୍ଦ୍ର




କଟକ, ୧୬ ।୧(ସମିସ):

ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି । ବିଭିନ୍ନ ଉପଖଣ୍ଡ ଅଞ୍ଚଳରେ ମତଦାନ ଠାରୁ ଆରମ୍ଭ କରି ଭୋଟ ଗଣତି ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାର ସୁପରିଚାଳନା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ପରିପ୍ରେକ୍ଷୀ କଟକ ସଦର ଉପଖଣ୍ଡ ପାଇଁ ନରାଜସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ଏବଂ ମୌଲାନା ଆଦାଜ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟରେ ଷ୍ଟ୍ରଙ୍ଗ ରୁମର ବ୍ୟବସ୍ଥା କରାଯିବ । ଏହି ଠାରେ ନିର୍ବାଚନ ପୂର୍ବରୁ ସମସ୍ତ ଇଲେକ୍ଟ୍ରିକାଲ ଭୋଟିଂ ମେସିନ(ଇଭିଏମ) ରହିବ । ନିର୍ବାଚନ ସରିବା ପରେ ଏହାକୁ ଭୋଟ ଗଣନା କେନ୍ଦ୍ର ଭାବେ ମଧ୍ୟ ବ୍ୟବହାର କରାଯିବ । ଏଥିପାଇଁ ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସରେ ଜିଲ୍ଲାପାଳ ନରହରି ସେଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଟିମ୍ ସ୍ଥିତି ସମୀକ୍ଷା କରିଛନ୍ତି । ଆରଡିସି ସୁରେଶ ଚନ୍ଦ୍ର ଦଳେଇ, ଡିସିପି ପିନାକ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଶିବୋ ଟପ୍ପୋ, ଏଡିସିପି ଅନୀଲ ମିଶ୍ର ପ୍ରମୁଖ ବିଶ୍ୱବିଦ୍ୟାଳୟ ଏକାଡେମିକ ବ୍ଲକ, ପ୍ରଶାସନିକ ବ୍ଲକ ସହ ସମ୍ପୂର୍ଣ୍ଣ ପରିସରକୁ ବୁଲି ଦେଖିଥିଲେ । ସେହିଭଳି ବୁଧବାର ମୌଲାନା ଆଦାଜ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟରେ ସମୀକ୍ଷା କରାଯିବ । ଅନ୍ୟପକ୍ଷରେ ଆଠଗଡ଼ କଲେଜ ଏବଂ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ମଧ୍ୟ ବିଭାଗୀୟ ଅଧିକାରୀମାନେ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିବା ଜଣାପଡ଼ିଛି ।

**ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ ଓ ଡିସିପି**

## ଏସ୍‌ସିବିରେ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ୍

କଟକ, ୧୬।୧ (ସମିସ): ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ପରିସରରେ ଅଗ୍ନି ନିରାପତ୍ତା ନେଇ ଏକ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଏସସିବି ସମ୍ପ୍ରସାରଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକା ସଂସ୍ଥା କର୍ମଚାରୀମାନଙ୍କୁ ପ୍ରଥମ ଥର ପାଇଁ ଅଗ୍ନି ନିରାପତ୍ତା କୌଶଳ ଶିଖାଇଥିଲେ ଅଗ୍ନିଶମ ବାହିନୀର କର୍ମଚାରୀମାନେ । ଏହି କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ କର୍ମଚାରୀ ସାମିଲ ହୋଇଥିଲେ । ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁକୁ ଆୟତ୍ତ କରିବାର କୌଶଳ ଏବଂ ଏଥିପାଇଁ ଆବଶ୍ୟକୀୟ ଯନ୍ତ୍ରାଂଶର ବ୍ୟବହାର ସମ୍ପର୍କରେ ଡେମୋ ଦେଖାଇ ପ୍ରଶିକ୍ଷଣ ଦିଆଯାଇଥିଲା । ତୈଳ ଜାତୀୟ ପଦାର୍ଥ, ଗ୍ୟାସ୍ ଆଦିରୁ ସୃଷ୍ଟି ଅଗ୍ନିକାଣ୍ଡ ତଥା ଅନ୍ୟାନ୍ୟ ଅଗ୍ନିକାଣ୍ଡ ନିୟନ୍ତ୍ରଣ ସମ୍ପର୍କରେ ନିର୍ମାଣ କର୍ମଚାରୀମାନଙ୍କୁ ତାଲିମ ଦିଆଯାଇଥିଲା । ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକା ସଂସ୍ଥା ପକ୍ଷରୁ ଏବେ 'ସୁରକ୍ଷା ମାସ' ପାଳନ



କରାଯାଉଥିବା ବେଳେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ସେଫ୍ଟି ମ୍ୟାନେଜର ଏମ ଆର ଦାସ ସୂଚନା ଦେଇଛନ୍ତି । ସହକାରୀ ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା ଏହି ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରୋଜେକ୍ଟ ମୁଖ୍ୟ ଏମ ଅରୁଣଗିରି, ଦେବପ୍ରସାଦ ମିଶ୍ର, ବି ବି ରୟ, ମାନସ ରଞ୍ଜନ ଦାସ, ସୁରେଶ ଥୋମାସ୍, ମନୋଜ ଭଦ୍ର, ଅଭିମନ୍ୟୁ ପଣ୍ଡା ଓ ନୟନା ନନ୍ଦା ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

### ରାସ୍ତା ସମ୍ପ୍ରସାରଣ ଓ ସୁଦୃଢ଼ୀକରଣ କାର୍ଯ୍ୟର ଶିଳାନ୍ୟାସ

# ଦ୍ୱିପାଞ୍ଚଳ ବିକାଶ ପାଇଁ ୫ ଶହ କୋଟି ଅନୁଦାନ

**ନିଶ୍ଚିନ୍ତକୋଇଲି,୧୬।୧(ସମିସ)**



କଟକ ସଦର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ମଙ୍ଗଳବାର ପୂର୍ବାହ୍ନରେ ୫୦ କୋଟି ଟଙ୍କା ଅନୁଦାନରେ ଚିତ୍ରୋତ୍ପଳା ଦକ୍ଷିଣପାଶ୍ୱର୍ ନଦୀବନ୍ଧ ରାସ୍ତାର ସମ୍ପ୍ରସାରଣ ଓ ସୁଦୃଢ଼ୀକରଣ କାର୍ଯ୍ୟ ପାଇଁ ଶୁଭ ଶିଳାନ୍ୟାସ କରିଛନ୍ତି। ଏହି ରାସ୍ତାଟି ଜନାର୍ଦ୍ଦନପୁର ପଞ୍ଚାୟତ ବଳରାମପୁର ଠାରୁ ମହମ୍ମଦପୁର ପଞ୍ଚାୟତ ବିଶ୍ୱନାଥପୁର ପର୍ଯ୍ୟନ୍ତ ୧୬ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରାସ୍ତାର ଚଉଡ଼ା ୩୦ ଫୁଟ କରାଯିବ ବୋଲି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅନୁପ ବେହେରା ପ୍ରକାଶ କରିଛନ୍ତି। ଜିଲ୍ଲାପରିଷଦ ସଭ୍ୟ ଇଂ.ବିଳାସ ଭୋଇଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭାରେ ବିଧାୟକ ଶ୍ରୀ ବେହେରା ଯୋଗଦେଇ ମହାନଦୀ ଚିତ୍ରୋତ୍ପଳା ଦୋଆବ ଅଞ୍ଚଳର ବିକାଶ ପାଇଁ ତାଙ୍କ ପିତା ତଥା ପୂର୍ବତନ ମନ୍ତ୍ରୀ କାଳିନ୍ଦୀ ବେହେରାଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ସେ ଉଦ୍ୟମ ଜାରି ରଖିଥିବା ପ୍ରକାଶ କରିଥିଲେ। ଦୁଇବର୍ଷ ମଧ୍ୟରେ ଏହି ଦ୍ୱିପାଞ୍ଚଳରେ ୫୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏହି ରାସ୍ତାଟି ଦୁଇ ବର୍ଷ ମଧ୍ୟରେ ନିର୍ମାଣ ଶେଷ ହେଲେ ୧୪ଟି ପଞ୍ଚାୟତର ଜନସାଧାରଣ ଉପକୃତ ହେବା ସହିତ ନଦୀରେ ବନ୍ୟା ଆସିଲେ ଆଉ ଘାଇ ଭାଙ୍ଗିବାର କୌଣସି ଆଶଙ୍କା ନ ଥିବା ପ୍ରକାଶ କରିଥିଲେ। ଏହାଛଡ଼ା ମହାନଦୀରେ ସିର୍ଲୋ - ସାହୁକ୍ଷେତ ସେତୁ, ଚିତ୍ରୋତ୍ପଳା ନଦୀରେ ପାଳଦା-ନେମାଳ ସେତୁ ଓ ଜନାର୍ଦ୍ଦନପୁର ଠାରେ ଶନିଘାଟ କୁଳିଆ ସେତୁ ନିର୍ମାଣ କାର୍ଯ୍ୟ ଶେଷ ହେଲେ ଗମନାଗମନ, କୃଷି କ୍ଷେତ୍ରରେ ବ୍ୟାପକ ବିକାଶ ହେବା ସହିତ ଲୋକମାନଙ୍କର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ ବୋଲି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ଦାସ, କଟକ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ନୃସିଂହଚରଣ ମୁଦୁଲି, ଜିଲ୍ଲା ପରିଷଦ ସଭ୍ୟା ଶୁଭଶ୍ରୀ ମହାନ୍ତି, ବ୍ଲକ ମହିଳା ସଭାନେତ୍ରୀ ନନ୍ଦିନୀ ନାୟକ, ସରପଞ୍ଚ ସ୍ୱାଧୀନ ଭୂୟାଁ, ସୁଶାନ୍ତ ସେଠୀ, ସନ୍ନ୍ୟାସୀ ସ୍ୱାଇଁ, ବିଶ୍ୱଭୂଷଣ ନାୟକ, ଚିନ୍ମୟୀ ବେହେରା, ପୂର୍ବତନ ସରପଞ୍ଚ ସରୋଜ ବେହେରା, ଦିଲ୍ଲୀପ ବିଶ୍ୱାଳ, ସୁନାକର ସାହୁ, ଗୋବିନ୍ଦ ଦାସ, ହିମାଂଶୁ ଦାସ, ବଳଦେବାନନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣ୍ଡଗୋଳ ଘଟଣାରେ ଜଣେ ଗିରଫ

**ସାଲେପୁର,୧୬ ।୧(ସମିସ):** ପୂର୍ବ ଜମିଜମା ବିବାଦକୁ କେନ୍ଦ୍ର କରି ମାର୍‌ପିଟ ଘଟଣାରେ ଆଜି ସାଲେପୁର ପୁଲିସ ଜଣକୁ ଗିରଫ୍ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପୁଲିସ୍ ସୂତ୍ରରୁ ପ୍ରକାଶ ଯେ, ବରାଦୋ ଗ୍ରାମର ହରିହର ବିଶ୍ୱାଳ ଓ ରଞ୍ଜିତା ବିଶ୍ୱାଳଙ୍କ ପରିବାର ମଧ୍ୟରେ ଜମିଜମା ବିବାଦକୁ କେନ୍ଦ୍ର କରି ପୂର୍ବରୁ ବିବାଦ ରହିଥିଲା। ଏହି ଘଟଣାକୁ କେନ୍ଦ୍ର କରି ହରିହରଙ୍କ ଘରେ ଥିବା ଏକ ପିଲାକୁ ରଞ୍ଜିତା ପରିବାର ଗାଳିଗୁଲଜ କରିଥିଲେ। ସନ୍ଧ୍ୟାରେ ହରିହର ଘରକୁ ଫେରିଲାପରେ ରଞ୍ଜିତା ପରିବାରକୁ ପଚାରିବା ସହ ଗାଳିଗୁଲଜ୍ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଉଭୟ ପରିବାର ମଧ୍ୟରେ ମାର୍‌ପିଟ ହେବାରୁ ଉଭୟ ପରିବାର ସଦସ୍ୟମାନେ ମଧ୍ୟ ଆହତ ହୋଇଥିଲେ। ଏ ସମ୍ପର୍କରେ ଉଭୟଙ୍କ ପକ୍ଷରୁ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସାଲେପୁର ପୁଲିସ ଦୁଇଟି ମାମଲା ରୁଜୁ କରି ରଞ୍ଜିତା ପରିବାରର ସଦସ୍ୟ ହିମାଂଶୁ ବିଶ୍ୱାଳକୁ ଗିରଫ୍ କରି କୋର୍ଟଚାଲାଣ କରିଛି।

## ଦେଶୀ ମଦ ଜବତ; ୨ ଗିରଫ

**ସାଲେପୁର,୧୬ ।୧(ସମିସ):** ଚୋରା ଦେଶୀମଦ ବିକ୍ରି କରୁଥିବା ଅଭିଯୋଗରେ ସାଲେପୁର ପୁଲିସ ୨ ଜଣକୁ ଗିରଫ କରିବା ସହ ୧୧ଲିଟର୍ ଦେଶୀମଦ ଜବତ କରିଛି। ପୁଲିସ୍ ସୂତ୍ରରୁ ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ ତେନ୍ତୋଳ ଗ୍ରାମର ବାସୁଦେବ ବେହେରା ନିଜ ଘର ନିକଟରେ ଚୋରା ଦେଶୀ ମଦ ବିକ୍ରି କରୁଥିବା ସମୟରେ ସାଲେପୁର ପୁଲିସ ପକ୍ଷରୁ ଚଢଉ କରାଯାଇ ତା ନିକଟରୁ ୬ ଲିଟର ଦେଶୀ ମଦ ଜବତ କରିବା ସହ ଏକ ମାମଲା ରୁଜୁ କରି ବାସୁଦେବକୁ ଗିରଫ କରିଛି। ସେହିପରି ପାଟପୁର ଗ୍ରାମର କୁନାଲ୍ ବେହେରା ଦେଶୀମଦ ବିକ୍ରି କରୁଥିବା ବେଳେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ତାକୁ ଗିରଫ କରାଯିବା ସହ ତା' ନିକଟରୁ ୫ ଲିଟର ଦେଶୀମଦ ଜବତ କରାଯାଇଛି।

## ଚୋରା ମଦ ଜବତ

**ନିଆଳି,୧୬।୧(ସମିସ):** ନିଆଳି ବ୍ଲକ୍ ଅଞ୍ଚଳର ବିଭିନ୍ନ ସ୍ଥାନରୁ ୧୨ ଲିଟର ଚୋରା ମଦ ଜବତ କରାଯାଇଛି। ଅବକାରୀ ବିଭାଗର ଫ୍ଲାଇଙ୍ଗ ସ୍କ୍ୱାଡର୍ ପକ୍ଷରୁ ନିଆଳି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୩ ଜଣଙ୍କ ଠାରୁ ୧୨ଲିଟର ଚୋରା ମଦ ଜବତ କରିଥିବା ବେଳେ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ସରିଲା ଅର୍ପଣ ରଥ ପରିକ୍ରମା



**ଚୌଦ୍ୱାର,୧୬।୧(ସମିସ):** ଚୌଦ୍ୱାର ସହରରେ ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଅନ୍ତିମ ଦିନରେ ପୌରପାଳିକା ୧୯ ନଂ ୱାର୍ଡ ହାଉସିଂବୋଡର୍‌ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିକଟରୁ ଅର୍ପଣ ରଥକୁ ପୂଜାର୍ଚ୍ଚନା କରାଯାଇ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ହାଉସିଂବୋର୍ଡ ଫେଜ-୧, ଫେଜ-୨, ଜଗନ୍ନାଥ ବିହାର, କେଦାରେଶ୍ୱର କଲୋନୀ, ଲେବର ଟେନାମେଣ୍ଟ ଆଦି ଅଞ୍ଚଳ ପରିକ୍ରମା କରାଯାଇଥିଲା। ଅଞ୍ଚଳର ପ୍ରତି ଗଳିକନ୍ଦିରେ ମହିଳାମାନେ ଦାଣ୍ଡ ଓ ରାସ୍ତାରେ ଚିତା ପକାଇ ଦୀପ ଜାଳି ରଥକୁ ସ୍ୱାଗତ କରିବା ସହିତ ଅକ୍ଷତ ଚାଉଳ ଓ ଗୁଆ ଦାନ କରିଥିଲେ। ଚାରବାଟିଆ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟର ଟ୍ରଷ୍ଟି ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ପରିଚାଳନାରେ ଏହି ରଥ ଶୋଭାଯାତ୍ରା ଘରକୁ ଘର ବୁଲିଥିଲା। ବିଧାୟକ ସୌଭିକ ବିଶ୍ୱାଳ, କାଉନସିଲର ଆଶୁତୋଷ ଦାସ, ସୁବ୍ରତ ସାମଲ, ବିଜେଡି ନଗର ସଭାପତି ବିଷ୍ଣୁଚରଣ ପରିଡ଼ା, କାର୍ଯ୍ୟକାରୀ ସଭାପତି ବିମଳ ବେଉରା, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ଶ୍ରୀ ଜଗନ୍ନାଥ ଟ୍ରଷ୍ଟର ସଦସ୍ୟ ପ୍ରଶାନ୍ତ ବରାଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ପରିକ୍ରମାରେ ସାମିଲ ହୋଇଥଲେ।

## ଚର୍ଚ୍ଚିକା ମନ୍ଦିର କମିଟି ସଭ୍ୟଙ୍କ ପରଲୋକ



**ବାଙ୍କୀ,୧୬।୧(ସମିସ):** ବାଙ୍କୀ ମା'ଚର୍ଚ୍ଚିକା ମନ୍ଦିର ପୂଜା କମିଟି ସଭ୍ୟ ପ୍ରଦୀପ କୁମାର ସାହୁଙ୍କର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ (୫୫) ବର୍ଷ ବୟସ ହୋଇଥିଲା। ସେ ମନ୍ଦିର ନିକଟରେ ଗୋଟିଏ ଅଳଙ୍କାର ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ତାଙ୍କର ମରଶରୀରକୁ ନିକଟସ୍ଥ ଚର୍ଚ୍ଚିକା ଶ୍ମଶାନରେ ସତ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ରୁଦ୍ର ନାରାୟଣ ସାହୁ ମୁଖାଗ୍ନି ପ୍ରଦାନ କରିଥିଲେ। ତାଙ୍କର ପରଲୋକରେ ମା'ଚର୍ଚ୍ଚିକା ପୂଜାକମିଟି ପକ୍ଷରୁ ଏକ ଶୋକସଭା ଆୟୋଜିତ କରାଯାଇଥିଲା। ମା'ଚର୍ଚ୍ଚିକା ପୂଜାକମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ସଂପାଦକ ଅଶୋକ ରଣା, ସଭ୍ୟ ନୀଳମଣି ମହାପାତ୍ର, ସନ୍ତୋଷ ପାତ୍ର, ପ୍ରଫୁଲ୍ଲ ପାତ୍ର, ଉମେଶ ପଟ୍ଟନାୟକ, ବୁଦ୍ଧିଆବେହେରା, ସୁରେନ୍‌ବେହେରା, ପ୍ରଦୀପସେଠୀ, ବିଜୟମହାପାତ୍ର, ଟୁଟୁ ବଥୁଆଲ୍, ଭବାନୀଶଙ୍କର ମହାପାତ୍ର, ଦେବାଶିଷ ଦାଶ ପ୍ରମୁଖ ଯୋଗଦେଇ ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ସମବେଦନା ଜ୍ଞାପନ କରିଥିଲେ। ଏହି ଅବସରରେ ଆଜି ମନ୍ଦିର ସାହି ପୂଜାକମିଟି ପକ୍ଷରୁ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା।

## ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

**ଫୁଲନଖରା,୧୬।୧(ସମିସ):** ପ୍ରତାପନଗରୀ ଜଳସେଚନ ଉପଖଣ୍ଡ ଅନ୍ତର୍ଗତ ଓଲଟପୁର ମାଇନର କେନାଲ ବନ୍ଧ ରାସ୍ତା ପ୍ରଶସ୍ତିକରଣ ପାଇଁ ବିଭାଗ ତରଫରୁ ସର୍ବେକ୍ଷଣ କରାଯାଉଥିବା ସମୟରେ ଜଣେ ଶ୍ରମିକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ସୂଚନାନୁଯାୟୀ ନଗରୀ ଗ୍ରାମପଞ୍ଚାୟତ ଅରିଲୋ ଗ୍ରାମର ବିପିନ ବିହାରୀ ମହାନ୍ତିଙ୍କ ପୁତ୍ର ଦାମୋଦର ମହାନ୍ତି (୩୪) ଜଳସେଚନ ବିଭାଗର ବିଭିନ୍ନ କାମରେ ଦିନମଜୁରିଆ ଭାବରେ କାର୍ଯ୍ୟ କରଥାନ୍ତି। ମଙ୍ଗଳବାର ଦିନ ଓଲଟପୁର ମାଇନର କେନାଲ ବନ୍ଧ ସର୍ବେକ୍ଷଣ କରାଯାଉଥିବା ସମୟରେ ବ୍ୟବହୃତ ଷ୍ଟାକ୍ ଉପରକୁ ଉଠାଇବା ବେଳେ ଅସାବଧାନତା ବଶତଃ ଅତି ନିଛରେ ଥିବା ୧୧କେଭି ତାର ସଂସ୍ପର୍ଶରେ ଆସିବା ଦ୍ୱାରା ବିଦ୍ୟୁତ୍ ଆଘାତରେ ଦୂରକୁ ଛିଟିକି ପଡିଥିଲେ। ଅନ୍ୟ ସହଯୋଗୀ ଓ ସ୍ଥାନୀୟ ବାସିନ୍ଦା ତୁରନ୍ତ ମହୀଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ଦାମୋଦରକୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଅରିଲୋ ଓ ଆଖପାଖ ଅଞ୍ଚଳର ଶହଶହ ଜନତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ବସିଥିଲେ। ଏସ୍‌ଡିଓ ଘଟଣାସ୍ଥଳରେ ପହଞ୍ଚି ବିଭାଗ ତରଫରୁ ମୃତକଙ୍କ ପରିବାରକୁ ସାହାଯ୍ୟ ଦେବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେବା ଫଳରେ ସ୍ଥାନୀୟ ଜନସାଧାରଣ ଆଶ୍ୱସ୍ତ ହୋଇଥିଲେ। ଘଟଣାସ୍ଥଳରେ କଟକ ସଦର ଥାନା ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ର ପହଞ୍ଚି ଜନସାଧାରଣଙ୍କୁ ବୁଝାସୁଝା କରିବା ସହ କଟକ ବଡ଼ ମେଡିକାଲକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପରେ ନିଆଳୀ ବିଧାୟକ ଡ. ପ୍ରମୋଦ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ବ୍ୟକ୍ତିଗତ ଭାବରେ ମୃତକଙ୍କ ପରିବାରକୁ ୨୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ।

## ଟିଗିରିଆ ଜେଏମ୍‌ଏଫ୍‌ସି କୋର୍ଟର ପ୍ରତିଷ୍ଠା ଦିବସ

**ଟିଗିରିଆ,୧୬ ।୧(ସମିସ):** ଟିଗିରିଆ ସ୍ଥିତ ଜେଏମଏଫସି କୋର୍ଟର ୧୧ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର କୋର୍ଟର ନୂତନ ଗୃହରେ ପାଳିତ ହୋଇଯାଇଛି। ଟିଗିରିଆ ଜେଏମଏଫସି କୋର୍ଟର ବିଚାରପତି ସୁଶ୍ରୀ ପ୍ରେରଣା ସିଂଦେଓ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କେକ୍ କାଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓକିଲ ସଂଘର ସଭାପତି ମଙ୍ଗଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଦିବଂଗତ ଆଇନଜୀବୀ ପ୍ରଫୁଲ ମିଶ୍ର ଓ ସୂର୍ଯ୍ୟ ନାରାୟଣ ମହାନ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯିବା ସହିତ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଆଇନଜୀବୀମାନେ ଟିଗିରିଆରେ ଜେଏମଏଫସି କୋର୍ଟ ପ୍ରତିଷ୍ଠା ନେଇ କୃଷି କୃଷକ ସଶକ୍ତିକରଣ ମତ୍ସ୍ୟ ଓ ପଶୁ ସଂପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅବଦାନକୁ ନେଇ ସଂଘ ପକ୍ଷରୁ ସାଧୁବାଦ ଅର୍ପଣ କରାଯାଇଥିଲା। ଓକିଲ ସଂଘର ସଂପାଦକ ଶରତ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ଅକ୍ଷୟ ଦାଶ, ବିକ୍ରମ କେଶରୀ ଦାଶ, ସରୋଜ ସାହୁ, ଶ୍ରୀକାନ୍ତ ସାହୁ, ପଠାଣୀ ଚରଣ ବେହେରା, ରମେଶ ଚନ୍ଦ୍ର ମାଝୀ, ଚନ୍ଦ୍ରମଣୀ ପଣ୍ଡା, ଶାନ୍ତନୁ ଦାଶ, ଗିରିଜା ପ୍ରସାଦ ପଟ୍ଟନାୟକ, ପ୍ରସନ୍ନ ରାଉତ, ରଞ୍ଜନ ମହାରଣା, ଆଶୁତୋଷ ମିଶ୍ର, ସୁଚିତ୍ର ସାହୁ, ରଘୁନାଥ ଦାଶ, ଶଙ୍କର୍ଷଣ ମହାନ୍ତି, ରାଜା ଆଦିତ୍ୟ ପ୍ରସାଦ ମହାନ୍ତି, ରାଜଲକ୍ଷ୍ମୀ ସୁଜାତା ସିଂହ, ଇଭ୍ ପଣ୍ଡା, ଅର୍ଚ୍ଚନା ସିଂହ ସାମନ୍ତ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଆଇନଜୀବୀ ମାନେ ଭାଇଚାରା ସମ୍ପର୍କରେ ବାନ୍ଧି ହୋଇ ନ୍ୟାୟ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ନେଇ ମତାମତ ଦେଇଥିଲେ। ଶରତ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ଶ୍ରୀମନ୍ଦିର ପରିକ୍ରମା ଉପଲକ୍ଷେ ପୂଜାର୍ଚ୍ଚନା

**ବାଙ୍କୀ,୧୬।୧(ସମିସ):** ଆସନ୍ତାକାଲି ଶ୍ରୀମନ୍ଦିର ପରିକ୍ରମା ଉପଲକ୍ଷେ ଆଜି ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡ଼ି ପଞ୍ଚାୟତସ୍ଥିତ ଶ୍ରୀ ମହିମାମଣି ମନ୍ଦିର ପରିସରରେ ଭଜନ, କୀର୍ତ୍ତନ, ଭାଗବତ, ମେଳା ଏବଂ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବାଙ୍କୀର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିବା ବେଳେ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, କେନ୍ଦ୍ରୀୟ ଜୋନ୍ ଜିଲ୍ଲାପରିଷଦ ସଦସ୍ୟା ମିନତି ମହାପାତ୍ର, ୩୮ ନଂ ଜିଲ୍ଲାପରିଷଦ ସଦସ୍ୟ ଆଶିଷ ସାହୁ, ବିଡିଓ ଅଂଶୁମାନ ଦାସ, ଓଡ଼ିଶା ଜୀବିକା ମିଶନର ପ୍ରକଳ୍ପ ଅଧିକାରୀ ଅକ୍ଷୟ ଭଟ୍ଟ ଯୋଗଦେଇଥିଲେ।

## ପ୍ରାଣୀଧନ ଚିକିତ୍ସା ଓ ଔଷଧ ବିତରଣ ଶିବିର



**ନିଆଳି,୧୬।୧(ସମିସ):** ସତ୍ୟସାଇ ସେବା ଗ୍ରୁପ, ରହମ୍ବା, ଅଡ଼ଶପୁର ସେବା ସମିତି ଓ ଚିତ୍ତ ରଞ୍ଜନ ସେବା ସଦନ ଗରିବ ଜନକଲ୍ୟାଣ ଟ୍ରଷ୍ଟ ଆନୁକୂଲ୍ୟରେ ନିଆଳି ପଞ୍ଚାୟତ ବାରବୋଡ଼ିଆରେ ଏକ ପ୍ରାଣୀଧନ ଚିକିତ୍ସା ଓ ଔଷଧ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ପ୍ରାଣୀଧନ ବିଭାଗ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡା. ଅନିଲ ଦାସ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ପୂର୍ଣ୍ଣଚନ୍ଦ୍ର ମିଶ୍ର, ନିଆଳି ବିଭିଓ ଡା. ମୃତ୍ୟୁଞ୍ଜୟ ବେଉରା, ଗୋ ମିତ୍ର ରାଜକିଶୋର ଦାସ, ପଶୁଚିକିତ୍ସା ଅଧିକାରୀ ଡା. ସୁନିଲ ପଟ୍ଟନାୟକ ଯୋଗଦେଇ ୨ଶହରୁ ଉର୍ଦ୍ଧ୍ୱ ଗାଈ ଓ ଛେଳିମେଣ୍ଢାଙ୍କ ଚିକିତ୍ସା କରିବା ସହ ସେମାନଙ୍କୁ ଔଷଧ ବିତରଣ କରିଥିଲେ। ଚିତ୍ତ ରଞ୍ଜନ ସେବା ସଦନର ମୁଖ୍ୟ ତଥା ଅଭିନେତା ଡା. ଚିତ୍ତ ରଞ୍ଜନ ମିଶ୍ର, ସାଇ ସେବା ଶ୍ରମର ସମାଜସେବୀ ରାଜେନ୍ଦ୍ର ପ୍ରସାଦ ସାହୁ, ରଜନୀକାନ୍ତ ଦାସ, ନିଶାକର ମିଶ୍ର, ଅଲେଖ ଚନ୍ଦ୍ର ବେହେରା, ରବିନ୍ଦ୍ର ସାହୁ, ମନୋରଞ୍ଜନ ପରିଡ଼ା, ଅକ୍ଷୟ ସାହୁ, ବୈରାଗୀ ଚରଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ




**ବାଙ୍କୀ, ୧୬।୧(ସମିସ):** ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ଏହି ଉତ୍ସବରେ ମଣ୍ଡଳ ଶିକ୍ଷା ଅଧିକାରୀ ନରେନ୍ଦ୍ର ବେହେରା ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ଗୋପୀମୋହନ କର, ପଣ୍ଡିତ ନଗେନ୍ଦ୍ର ମହାପାତ୍ର, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଜୟନ୍ତୀ ବିଶ୍ୱାଳ, ସିଆରସିସି ତପନ ରାମ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ବିଦ୍ୟାଧର ଖଟୁଆ, ଅଜୟ ଦୀକ୍ଷିତ୍, ସୁବ୍ରତ ଖଟୁଆ ଯୋଗଦେଇ ଛାତ୍ରମାନଙ୍କୁ ପ୍ରତିଯୋଗିତା ମନଭାବ, ଶୃଙ୍ଖଳା ଓ ପାରଦର୍ଶିତା ପାଇବାର କୋଶଳ ସଂପର୍କରେ ଉଦ୍‌ବୋଧନ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ଏହି ପ୍ରତିଯୋଗିତାରେ ସ୍କୁଲର ସମସ୍ତ ଛାତ୍ର ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବିଭାଗରେ ହେମ୍ବ୍ରମ୍, କନିଷ୍ଠ ବିଭାଗରେ ଅର୍ଣ୍ଣବ ପଣ୍ଡା ଓ ସର୍ବକନିଷ୍ଠ ବିଭାଗରେ ଲକ୍ଷ୍ମୀପ୍ରିୟା ଦାଶ ଚାମ୍ପିଅନ୍ ହୋଇଥିଲେ। ଶିକ୍ଷୟିତ୍ରୀ ନିବେଦିତା ଜେନା, ଜ୍ୟୋର୍ତିମୟୀ ପଣ୍ଡା, ମୀନୁଶ୍ରୀ ମଲ୍ଲିକ, ଶେଫାଳୀ ମହାପାତ୍ର, ଚିତ୍ରରେଖା ମିଶ୍ର, ପୁନମ ଗୁପ୍ତା, ଜୁଲେଖା ଫରାହ, ବିନୋଦିନୀ ଦେବୀ, ସ୍ୱର୍ଣ୍ଣଲତା ସାହୁ, ଆୟୁଷ ଅର୍ପିତା ସାହୁ, ଜ୍ୟୋର୍ତିମୟୀ ରାଉତ, ବିଷ୍ଣୁପ୍ରିୟା ସ୍ୱାଇଁ, ଅନୁପମା ସାହ, ହେମନ୍ତ ପ୍ରଧାନ, କର୍ମଚାରୀ ମନୋଜ ମହାନ୍ତି, ପ୍ରଭାତ ବସନ୍ତରା, ବିଜୟ ମହାପାତ୍ର, ସୁକାନ୍ତ ନାଏକ, ମନୋଜ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ବାଙ୍କୀରେ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କଲେ ଅତିରିକ୍ତ ଜିଲ୍ଲାପାଳ



**ବାଙ୍କୀ,୧୬।୧(ସମିସ):** ଆଜି କଟକର ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ ଏବଂ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନରେ ଆସି ପ୍ରାକ୍ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ବାଙ୍କୀ କଲେଜକୁ ବୁଲି ତା'ର ଚାରିପଟକୁ ଅନୁଧ୍ୟାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉପଜିଲ୍ଲାପାଳ ଦେବୀପ୍ରସାଦ ମହାନ୍ତି, ଡମପଡ଼ା ବ୍ଲକ ବିଡିଓ ଅଂଶୁମାନ ଦାସ, ବାଙ୍କୀ ବ୍ଲକ ବିଡିଓ ମନସ୍ୱିନୀ ଦାଶ, ତହସିଲଦାର ଅଶେଷ ନାୟକ, ଡମପଡ଼ା ତହସିଲଦାର ସୁଚିସ୍ମିତା ଦାଶ କଲେଜ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତାଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ



**ଟାଙ୍ଗୀ,୧୬ ।୧(ସମିସ):** ଟାଙ୍ଗୀ ସାଲେପୁର ନିର୍ବାଚନ ମଣ୍ଡଳୀର ୧୩ଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ୨୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଖଣି ଓ ଇସ୍ପାତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ କରକମଳରେ ଏବଂ ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କ ପୌରହିତ୍ୟରେ ଶିଳାନ୍ୟାସ ଓ ଉଦ୍‌ଘାଟିତ ହୋଇଯାଇଛି। କରଞ୍ଜି ପଞ୍ଚାୟତ କାର୍ଯ୍ୟାଳୟ, ସଫା ମିଶନ ଶକ୍ତି ଗୃହ, ଚିନ୍ତାମଣିପୁର ଅଷ୍ଟପ୍ରହରୀ କୁଞ୍ଜ, ଗରୁଡ଼ଗାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଗରୁଡ଼ଗାଁ ପଞ୍ଚାୟତ ସୁବିଧା କେନ୍ଦ୍ର, କନ୍ହେଇପୁର ପଞ୍ଚାୟତ ମହିଳା ସୁରକ୍ଷା କେନ୍ଦ୍ର, କନ୍ହେଇପୁର ହାଇସ୍କୁଲ ନୂତନ ଶ୍ରେଣୀ ଗୃହ ଇତ୍ୟାଦି ଉଦଘାଟନ ହୋଇଯାଇଛି। ସେହିଭଳି ନୂଆପଡ଼ା କେନ୍ଦୁଗଳିଆ ରାସ୍ତା, କରଞ୍ଜି ବସଷ୍ଟାଣ୍ଡ, ଆଞ୍ଜୁଆ ଗ୍ରାମସ୍ଥିତ ୧୦କୋଟି ଟଙ୍କାର ନୂତନ ଗ୍ରୀଡ, ଭଗତପୁର ହାଟର ନବୀକରଣ, ବଜରଙ୍ଗୀ କ୍ଲବ ଗୃହ, ଟାଙ୍ଗୀ ବାଇପାସ୍ ରାସ୍ତା ପ୍ରଶସ୍ତିକରଣ, ବିରୂପା ବ୍ୟାରେଜ ଠାରୁ ମାଗୁରା ଧାନମଣ୍ଡଳ ରାସ୍ତା ପ୍ରଶସ୍ତିକରଣ, ନିର୍ଗୁଣ୍ଡି ଛକଠାରୁ ଚୌଦ୍ୱାର ଜାତୀୟ ରାଜପଥ ରାସ୍ତା, ଆଦର୍ଶ ବିଦ୍ୟାଳୟର ନୂତନ ଛାତ୍ରାବାସ, ଗୋବିନ୍ଦପୁର ମାର୍କେଟ କମ୍ପ୍ଲେକ୍ସ, ଖେଳପଡିଆ ଉନ୍ନତିକରଣ, କଲ୍ୟାଣ ମଣ୍ଡପ ଆଦିର ଶିଳାନ୍ୟାସ ହୋଇଯାଇଛି। କାର୍ଯ୍ୟକ୍ରମରେ ଟାଙ୍ଗୀ ଚୌଦ୍ୱାର ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ବିଶ୍ୱଜିତ ପ୍ରଧାନ, ସଦସ୍ୟା ଜୟଶ୍ରୀ ପ୍ରଧାନ, ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ, ବିଜେଡି ସଂଗଠକ ଜନ୍ମେଜୟ ଖିଲାର, ନରେନ୍ଦ୍ର ରାଉତରାୟ, ସୁବୋଧ ସାମଲ, ଗୋବିନ୍ଦ ଦାସ, ପ୍ରବୀର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଅଯୋଧ୍ୟା ଯିବ ଅହିଂସା ଖଣ୍ଡୁଆ ପାଟ

### ରାମଲାଲାଙ୍କ ଅଙ୍ଗବସ୍ତ୍ର ଓ ଉତ୍ତରୀୟ ନିର୍ମାଣ ଶେଷ

**ଟିଗିରିଆ,୧୬ ।୧(ସମିସ):**



ଉତ୍ତରପ୍ରଦେଶର ଅଯୋଧ୍ୟା ଠାରେ ଚଳିତ ମାସ ୨୨ ତାରିଖରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ କଟକ ଜିଲ୍ଲା ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାର ଖଣ୍ଡୁଆ ପାଟ ବସ୍ତ୍ର ବୁଣାକାରମାନେ ରାମଲାଲାଙ୍କ ପରିଧାନ ପାଇଁ ଅହିଂସା ପାଟ ସୂତାରେ ଅଙ୍ଗବସ୍ତ୍ର ଓ ଉତ୍ତରୀୟ ବୁଣା ଶେଷ କରିଛନ୍ତି। ବୁଧବାର ନୂଆପାଟଣା ଗ୍ରାମ ପରିକ୍ରମା ପରେ ଉକ୍ତ ବସ୍ତ୍ର ନେଇ ଅଯୋଧ୍ୟା ଯିବାର କାର୍ଯ୍ୟକ୍ରମର ସ୍ଥିର କରାଯାଇଛି। ଖବର ଅନୁଯାୟୀ ନୂଆପାଟଣା ସ୍ଥିତ ନଂ-୧ ବୁଣାକାର ତନ୍ତୁବାୟ ସମିତିର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବାନ୍ଧକଳା କାରିଗର ଅର୍ଜୁନ ପାଳଙ୍କ ଟିମ୍ ଦ୍ୱାରା ପ୍ରସ୍ତୁତ ବାଳକ ରାମଲାଲାଙ୍କ ପାଇଁ ୫ ହାତ ଲମ୍ବର ଅଙ୍ଗବସ୍ତ୍ର ଓ ୩ ହାତ ଲମ୍ବର ଉତ୍ତରୀୟ ଅହିଂସା ପାଟ ସୂତାରେ ଅତି ନିଷ୍ଠାର ସହ ଏହି ବସ୍ତ୍ର ବୁଣା ହୋଇଛି। ଅଯୋଧ୍ୟା ସ୍ଥିତ ରାମ ମନ୍ଦିର ଟ୍ରଷ୍ଟ ସହିତ ନଂ-୧ ବୁଣାକାର ସମିତିର ଯୋଗାଯୋଗ ପରେ ଏହି ବସ୍ତ୍ର ନିର୍ମାଣ ଆରମ୍ଭ ହୋଇଥିଲା। ରାଷ୍ଟ୍ରପତି ପଦକପ୍ରାପ୍ତ ବାନ୍ଧ କାରିଗର ଶ୍ରୀ ପାଳଙ୍କ ସହିତ ଏହି କାର୍ଯ୍ୟରେ ରମାକାନ୍ତ ତୋଷ, ମନୋରଞ୍ଜନ ତୋଷ, ଶରତ ବେହେରା, ସବ୍ୟସାଚୀ ପାତ୍ର, ପ୍ରସନ୍ନ ନନ୍ଦୀ, ହେମନ୍ତ କୁଣ୍ଡୁ, ନରେଶ ତୋଷ, ପରୀକ୍ଷିତ ବେହେରା ଓ ଶୁଭେନ୍ଦୁ ପାତ୍ର ନିଷ୍ଠାର ସହ ଏହି ବସ୍ତ୍ର ନିର୍ମାଣ କରିଛନ୍ତି। ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ୨୨ ତାରିଖରେ ହେଉଥିବା ବେଳେ ବୁଧବାର ଏହି ବସ୍ତ୍ରକୁ ପ୍ରଥମେ ନୂଆପାଟଣାସ୍ଥିତ ରାମ ମନ୍ଦିର ଠାରେ ପୂଜାର୍ଚ୍ଚନା କରାଯିବା ପରେ ଏକ ପଟୁଆର ମାଧ୍ୟମରେ ଗ୍ରାମ୍ୟ ପରିକ୍ରମା କରାଯାଇ ବୁଣାକାର ପରୀକ୍ଷିତ ବେହେରା ଏହି ବସ୍ତ୍ର ନେଇ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ ବୋଲି ନଂ-୧ ତନ୍ତୁବାୟ ସମିତିର ସଭାପତି କେଶବ ପାତ୍ର ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ୍ୟ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି। ବନ୍ଧୁମିଳନ ଯୋଗ ରହିଛି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ସୃଜନାଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୫୯୫ – ସ୍ପେନ ବିରୋଧରେ ଫ୍ରାନ୍ସ ଯୁଦ୍ଧ ଘୋଷଣା କରିଥିଲା।
- ୧୬୦୧- ଆକବର ଅସିରଗଡ଼ କିଲ୍ଲାରେ ପ୍ରବେଶ କଲେ।
- ୧୯୪୬ – ମିଳିତ ଜାତିସଂଘ ସୁରକ୍ଷା ପରିଷଦର ପ୍ରଥମ ସଭା ଅନୁଷ୍ଠିତ।
- ୧୯୯୫- ଜାପାନର କୋବେ ସହରରେ ଭୂମିକମ୍ପ ଯୋଗୁଁ ଶତାଧିକ ଲୋକଙ୍କ ପ୍ରାଣହାନି।
- ୨୦୨୦- ଇସ୍ରୋ ଏରିୟନ୍-୫ ପ୍ରକ୍ଷେପଣ ଯାନରେ ସଞ୍ଚାର ଉପଗ୍ରହ ଜିସ୍ୟାଟ୍-୩୦କୁ ପ୍ରକ୍ଷେପିତ କଲା।

# ୫୦୦ ବର୍ଷ ପୁରୁଣା ଟୁଥ୍‌ବ୍ରଶ୍



ଦାନ୍ତଘଷିବା ପାଇଁ ଲୋକେ ଦାନ୍ତକାଠି କିମ୍ବା ଟୁଥ୍‌ବ୍ରଶ୍‌ର ବ୍ୟବହାର କରିଥାନ୍ତି। ସାଧାରଣତଃ ଗ୍ରାମାଞ୍ଚଳରେ ଦାନ୍ତକାଠି ଓ ସହରରେ ଅଧିକ ସଂଖ୍ୟାରେ ଟୁଥ୍‌ବ୍ରଶ୍‌ର ବ୍ୟବହାର ଦେଖିବାକୁ ମିଳେ। ତେବେ ପ୍ଲାଷ୍ଟିକର ପ୍ରଚଳନ ପରେ ଟୁଥ୍‌ବ୍ରଶ୍ ବଜାରକୁ ଆସିଲା। କିନ୍ତୁ ଆଶ୍ଚର୍ଯ୍ୟର ବିଷୟଏହା ପୂର୍ବରୁ ମଧ୍ୟ ଟୁଥ୍‌ବ୍ରଶ୍ ରହିଥିଲା। ଏହାର ଇତିହାସ ପାଞ୍ଚ ଶହ ବର୍ଷ ପୁରୁଣା। ତେବେ ପ୍ରଥମ ଥର ପାଇଁ କାଠରେ ନିର୍ମିତ ଦାନ୍ତଘସା ବ୍ରଶ୍‌କୁ ୨୬ ଜୁନ୍ ୧୪୯୮ରେ ପେଟେଣ୍ଟ କରାଯାଇଥିଲା। ଚୀନ୍‌ର ମିଙ୍ଗ୍ ବଂଶର ଶାସକ ହୋଙ୍ଗଝି ଏହାକୁ ପ୍ରଥମଥର ବ୍ୟବହାର କରିଥିଲେ। ତେବେ ପେଟେଣ୍ଟ ହୋଇଥିବା ଏହି ବ୍ରଶ୍‌ରେ ପଶୁମାନଙ୍କର କେଶକୁ ଦାନ୍ତ ସଫା ପାଇଁ ବ୍ୟବହାର କରାଯାଉଥିଲା। ଅନେକ ଥର ଏହି ବ୍ରଶ୍‌ଗୁଡ଼ିକ ପଶୁ ହାଡ଼ରୁ ମଧ୍ୟ ତିଆରି କରାଯାଇଥିଲା। ୧୯୩୮ ପରେ ଏଥିରେ ପରିବର୍ତ୍ତନ ଅଣାଯାଇଥିଲା। ପଶୁ କେଶ ବଦଳରେ ଏଥିରେ ନାଇଲନ୍ ବ୍ୟବହାର କରାଗଲା। ସେହିପରି ୧୯୩୯ରେ ପ୍ରଥମ ଥର ପାଇଁ ଇଲେକ୍ଟ୍ରିକ୍ ବ୍ରସ୍ ତିଆରି କରାଯାଇଥିଲା।

# ବିଶାଲଙ୍କ ସହ କାମ କରିବେ ଶାହାରୁଖ୍





ବଲିଉଡ୍ ଅଭିନେତା ଶାହାରୁଖ୍ ଖାନ୍‌ଙ୍କ ପାଇଁ ୨୦୨୩ ବର୍ଷ ବେଶ୍ ଭଲ ଥିଲା। ଗତବର୍ଷ ତାଙ୍କର ତିନୋଟି ଫିଲ୍ମ ('ପଠାନ୍', 'ଜୱାନ୍' ଓ 'ଡଙ୍କି') ସୁପରହିଟ୍ ସାବ୍ୟସ୍ତ ହୋଇଛି। ଶାହାରୁଖ୍ ଏବେ ବଲିଉଡ୍‌ର ଜଣାଶୁଣା ନିର୍ଦ୍ଦେଶକ ବିଶାଲ ଭରଦ୍ୱାଜଙ୍କ ଏକ ଥ୍ରିଲର୍ ଫିଲ୍ମ ସାଇନ୍ କରିଥିବା ଚର୍ଚ୍ଚା ହେଉଛି। ବିଶାଲ ତାଙ୍କ ସବୁ ଫିଲ୍ମରେ ଦର୍ଶକଙ୍କୁ କିଛି ନୂଆ ଦେଖାଇବା ପାଇଁ ଚେଷ୍ଟା କରିଥାନ୍ତି। 'ମକ୍‌ବୁଲ୍', 'ହେଦର୍', 'କମିନେ', ଭଳି ଅନେକ ହିଟ୍ ଫିଲ୍ମ ଦେଇଛନ୍ତି ବିଶାଲ। ଅନ୍ୟପକ୍ଷରେ ଶାହାରୁଖ୍ ଏବେ ତାଙ୍କ ରୋମାଣ୍ଟିକ୍ ହିରୋ ଟ୍ୟାଗ୍‌ରୁ ବାହାରକୁ ଯାଇ ନୂଆ କିଛି କରିବାକୁ ଚାହୁଁଛନ୍ତି। ତେଣୁ ସେ ବିଶାଲଙ୍କ ସହ କାମ କରିବାକୁ ଆଗ୍ରହୀ ଥିବା ଜଣାପଡ଼ିଛି। ଫିଲ୍ମର କାହାଣୀ ଶାହାରୁଖ୍‌ଙ୍କୁ ପସନ୍ଦ ଆସିଥିବା ଜଣାପଡ଼ିଛି। ତେବେ ପ୍ରଥମ ଥର ପାଇଁ ଶାହାରୁଖ୍ ଓ ବିଶାଲ ଏକାଠି କାମ କରିବାକୁ ଯାଉଛନ୍ତି।

# ଫୁଲ ଫୁଟିବାକୁ ଶହେ ବର୍ଷ



ପ୍ରକୃତି ବୈଚିତ୍ର୍ୟମୟ। କାହାକୁ କେମିତି କେଉଁ ଉପାୟରେ ଗଢ଼ିଛି ତାହା ତ କେବଳ ତାକୁ ହିଁ ଜଣା। ପ୍ରତିଟି ବୃକ୍ଷଲତା, ଜୀବଜନ୍ତୁ ଆଦିଙ୍କର ନିର୍ଦ୍ଦିଷ୍ଟ ରଙ୍ଗ, ନିର୍ଦ୍ଦିଷ୍ଟ ଆକାର ହେବା ପଛରେ ଏକ ବିଶେଷ କାରଣ ବି ଅଛି। ଏହି କ୍ରମରେ ଏଭଳି ବି ଗୋଟିଏ ଫୁଲ ଅଛି, ଯାହାକି ୧୦୦ ବର୍ଷରେ ଥରେ ଫୁଟିଥାଏ। ଏହାର ନାଁ 'ପୁୟା ରାୟମୋଣ୍ଡି'। ଏହା 'ଆଣ୍ଡିଜ୍ ରାଣୀ' ଭାବେ ମଧ୍ୟ ପରିଚିତ। ୧୦୦ ବର୍ଷରେ ଥରେ ଏହାର ଫୁଲ ଫୁଟୁଥିବାରୁ ସବୁଲୋକ ଏହାକୁ ଦେଖିବାର ସୁଯୋଗ ପାଇନଥାନ୍ତି। ପୁୟା ରାୟମୋଣ୍ଡି ଗଛ ଦକ୍ଷିଣ ଆମେରିକାରେ ୧୨ ହଜାର ଫୁଟ୍ ଉଚ୍ଚତାରେ ଦେଖାଯାଏ। ଏପରିକି ଏହା ୩୩ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ମଧ୍ୟ ବଢ଼ିବାକୁ ସକ୍ଷମ। ତେବେ ଏହି ଗଛ ୮୦ରୁ ୧୦୦ ବର୍ଷ ବୟସରେ ପହଞ୍ଚିବା ପରେ ହିଁ ଏହାର ଫୁଲ ଫୁଟିଥାଏ। ଏଥିରେ ଫୁଲ ଫୁଟିଲେ ହିଁ ଗଛଟି ଅଧିକ ସୁନ୍ଦର ଓ ଆକର୍ଷଣୀୟ ଲାଗେ। ଏହି ଗଛରେ ୮ ହଜାରରୁ ଆରମ୍ଭ କରି ୨୦ ହଜାର ଧଳା ଫୁଲ ଫୁଟିଥାଏ। ଅବଶ୍ୟ ଏଥିରେ ଫୁଲ ଫୁଟିବା ଆରମ୍ଭ ହେଲେ ଏହା ଝାଉଁଳି ଯାଇ ମରିଯାଏ। ଏହି ଗଛ କ୍ୟାକ୍‌ଟସ୍ ଗଛ ସହ ମେଳ ଖାଇଥାଏ। ଖରାପ ମାଟି, ଥଣ୍ଡା ଏବଂ ଶୁଷ୍କ ଜଳବାୟୁରେ ଏହା ଭଲ ଭାବେ ବଢ଼ିଥାଏ। ତେବେ ଗଛଟିକୁ ପରିପକ୍ୱ ହେବା ପାଇଁ କେତେ ବର୍ଷ ଲାଗେ, ତାହା ଏବେ ବି ଅନୁସନ୍ଧାନର ବିଷୟ ହୋଇ ରହିଛି।

# ଗୁମ୍ଫା ଗାଁ



ବିଶ୍ୱରେ ବିଭିନ୍ନ ଦେଶର ଗାଁଗଣ୍ଡାର ଚିତ୍ର ଅନ୍ୟଠାରୁ ଅଲଗା। ସେଥିରୁ ଅନେକ ଗାଁର ବୈଚିତ୍ର୍ୟ ତଥା ସ୍ୱାତନ୍ତ୍ର ରହିଛି। ସେମିତି ଏକ ଗାଁ ହେଉଛି ଦକ୍ଷିଣ ଇଟାଲିର 'ସାସି ଡି ମଟେରା' ଗାଁ। ଉକ୍ତ ଗାଁ 'ଗୁମ୍ଫା ଘର' ପାଇଁ ବିଖ୍ୟାତ। କୁହାଯାଏ, ୯ ହଜାର ବର୍ଷ ତଳେ ଏଠାରେ ଲୋକେ ପ୍ରାକୃତିକ ଗୁମ୍ଫାରେ ରହୁଥିଲେ। ପରବର୍ତ୍ତୀ ସମୟରେ ଜନସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଇବାରୁ ଲୋକମାନେ ଚୂନ ପଥରକୁ ଖୋଳି ଘର ତିଆରି କଲେ। ଧୀରେ ଧୀରେ ଏହି ସ୍ଥାନର ବିକାଶ ଘଟିବାରୁ ଏଠାରେ ସଂକୀର୍ଣ୍ଣ ରାସ୍ତା ଓ ପାହାଚ ଆଦି ଦେଖିବାକୁ ମିଳିଲା। ଏପରିକି ସ୍ଥିତି ଏମିତି ଆସିଲା, ଲୋକମାନେ ଯେଉଁ ସ୍ଥାନରେ ପଥର ଦେଖିଲେ, ସେସବୁକୁ ସେମାନେ ଖୋଳି ଘର ତିଆରି କରିବା ଆରମ୍ଭ କଲେ। ତେବେ ଅନେକ ସ୍ଥାନରେ ଘର ଉପରେ ରାସ୍ତା ଯାଇଥିବା ଦେଖିବାକୁ ମିଳେ। ଅନ୍ୟପଟେ ବିଂଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ଏହି ସ୍ଥାନ ଇଟାଲୀର ସବୁଠୁ ଗରିବ ଅଞ୍ଚଳ ଥିଲା। ଏହାବାଦ୍ ଏଠାରେ ବିଜୁଳି କି ସ୍ୱେରଜ ସିଷ୍ଟମ୍‌ର ସୁବିଧା ମଧ୍ୟ ନ ଥିଲା। ଏପରିକି କୌଣସି ଦୋକାନ ମଧ୍ୟ ନ ଥିଲା। ଏଠାରେ କେବଳ ଲୋକମାନେ ରୁଟି, ଟମାଟୋ ଓ ଲଙ୍କାକୁ ଚକଟି ଖାଉଥିଲେ। ବଡ଼ ପରିବାରଗୁଡ଼ିକ ପଶୁଙ୍କ ସହ ରହୁଥିବାରୁ ଏହି ସ୍ଥାନ ଅପରିଷ୍କାର ରହୁଥିଲା। ଫଳରେ ଏଠାରେ ମ୍ୟାଲେରିଆ ଭଳି ଅନ୍ୟାନ୍ୟ ରୋଗ ବ୍ୟାପୁଥିଲା। ସେହିପରି ୧୯୫୦ ମସିହାରେ ଏଠାକାର ସରକାର ଲୋକଙ୍କ ଜୀବନରେ ସୁଧାର ଆଣିବା ପାଇଁ ସେମାନଙ୍କୁ ଅନ୍ୟ ସ୍ଥାନକୁ ପଠାଇଲେ। ୧୯୯୩ ମସିହା ପରେ ମଟେରାରେ ଅଭୂତପୂର୍ବ ପରିବର୍ତ୍ତନ ଆସିଲା। ୟୁନେସ୍କୋ ଏହି ସ୍ଥାନକୁ ବିଶ୍ୱ ଐତିହ୍ୟ ସ୍ଥଳ ଘୋଷଣା କରିବା ପରେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ବଢ଼ିଲା। ଅନେକ ଭୁଶୁଡ଼ି ପଡ଼ିଥିବା ବା ନଷ୍ଟ ହୋଇଯାଇଥିବା ଗୁମ୍ଫାର ନବୀକରଣ କରାଯାଇ ସେସବୁକୁ ହୋଟେଲ ଓ ରେଷ୍ଟୋରାଁରେ ରୂପାନ୍ତରିତ କରାଗଲା। ଏଠାରେ ଥିବା ଅନେକ ଘର ଲଗଜୁରି ଭିଲ୍ଲାଠାରୁ ଆହୁରି ଆକର୍ଷଣୀୟ ଦେଖାଯାଏ।

# ଫୁଡ୍ ଟେକ୍ନୋଲୋଜି



**ସମ୍ପ୍ରତି ଫାଷ୍ଟ ଫୁଡ୍, ଇନ୍‌ଷ୍ଟାଣ୍ଟ ଫୁଡ୍, ପ୍ରୋସେସ୍ ଫୁଡ୍ ଖାଦ୍ୟର ଚାହିଦା ବଢୁଛି। ଏପରିକି କ୍ଷୀର, ମାଛ, ମାଂସ ଭଳି ଖାଦ୍ୟପଦାର୍ଥକୁ ପ୍ରୋସେସ୍ କରାଯାଇ ବିକ୍ରି କରାଯାଉଛି। ସେଥିପାଇଁ ଫୁଡ୍ ଟେକ୍ନୋଲୋଜି କ୍ଷେତ୍ର ମଧ୍ୟ ବୃଦ୍ଧି ପାଉଛି। ତେଣୁ ଏହି କ୍ଷେତ୍ର ଏବେ କୁଶଳୀ ଯୁବପିଢ଼ିଙ୍କ ପାଇଁ ଏକ ସୁନ୍ଦର କ୍ୟାରିୟର ଗଢିବାର ସୁଯୋଗ ଆଣିଦେଇଛି।**

### ଶିକ୍ଷାଗତ ଯୋଗ୍ୟତା

ଯୁକ୍ତ ଦୁଇ ବିଜ୍ଞାନ (ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ)ରେ ପାସ୍ କରିବା ଅନିବାର୍ଯ୍ୟ। ଏହାପରେ ବିଇ/ ବିଟେକ୍ ଫୁଡ୍ ସାଇନ୍ସ, ଫୁଡ୍ ସାଇନ୍ସ ଏବଂ ଟେକ୍ନୋଲୋଜି, ଫୁଡ୍ ଟେକ୍ନୋଲୋଜି ଓ ମ୍ୟାନେଜମେଣ୍ଟ, ଫୁଡ୍ ଟେକ୍ନୋଲୋଜି, ଫୁଡ୍ ପ୍ରୋସେସ୍ ଇଞ୍ଜିନିୟରିଂ, ଫୁଡ୍ ଇଞ୍ଜିନିୟରିଂ, ଏଗ୍ରିକଲଚର୍ ଆଣ୍ଡ ଫୁଡ୍ ଇଞ୍ଜିନିୟରିଂ ଆଦି ଅନ୍ୟାନ୍ୟ କୋର୍ସକୁ କୌଣସି ମାନ୍ୟତାପ୍ରାପ୍ତ ସଂସ୍ଥାନରୁ କରିପାରିବେ। ଏନେଇ ପ୍ରବେଶିକା ପରୀକ୍ଷା ମଧ୍ୟ ରହିଛି।

### ନିଯୁକ୍ତି ସୁଯୋଗ

ଏହି କ୍ଷେତ୍ରରେ ନିଯୁକ୍ତିର ଯଥେଷ୍ଟ ଅବସର ରହିଛି। ଫୁଡ୍ ପ୍ରୋସେସିଂ ୟୁନିଟ୍, ରିଟେଲ୍ କମ୍ପାନିରେ ଫୁଡ୍ ଟେକ୍ନୋଲୋଜିଷ୍ଟ, ନ୍ୟୁଟ୍ରିସ୍‌ନାଲ ଥେରାପିଷ୍ଟ, ପ୍ରୋସେସ୍ ଡେଭ୍‌ଲପ୍‌ମେଣ୍ଟ ସାଇଣ୍ଟିଷ୍ଟ, କ୍ୱାଲିଟି ମ୍ୟାନେଜର୍, ପ୍ରଡକ୍‌ସନ୍ ମ୍ୟାନେଜର ଆଦି ପଦରେ ନିଯୁକ୍ତି ମିଳିଥାଏ।

### ରୋଜଗାର

ପ୍ରାରମ୍ଭିକ ପର୍ଯ୍ୟାୟରେ ମାସକୁ ୨୦ରୁ ୨୫ ହଜାର ଟଙ୍କା ରୋଜଗାର କରିବା ସମ୍ଭବ। ଅଭିଜ୍ଞତା ଅନୁଯାୟୀ ପାରିଶ୍ରମିକ ମଧ୍ୟ ବୃଦ୍ଧି ପାଏ।

### ପ୍ରମୁଖ ସଂସ୍ଥାନ

- ଦିଲ୍ଲୀ ୟୁନିଭର୍ସିଟି, ଦିଲ୍ଲୀ
- କୋଲକାତା ବିଶ୍ୱବିଦ୍ୟାଳୟ, କୋଲକାତା
- ମୁମ୍ବାଇ ୟୁନିଭର୍ସିଟି, ମୁମ୍ବାଇ

# ହ୍ୱାଟ୍ସଆପ୍‌ର 'ଥିମ୍' ଫିଚର୍

ଇନ୍‌ଷ୍ଟାଣ୍ଟ ମେସେଜିଂ ଆପ୍ ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କ ସୁବିଧା ପାଇଁ ନୂଆ ନୂଆ ଫିଚର୍ ଉପରେ କାର୍ଯ୍ୟ କରୁଛି। ଏବେ ଏହା 'ଥିମ୍' ନାମକ ଏକ ନୂଆ ଫିଚର୍ ଉପରେ କାମ ଜାରି ରଖିଥିବାବେଳେ ଏହା ଆଗାମୀ ଦିନରେ ଆଇଓଏସ୍ ବ୍ୟବହାରକାରୀଙ୍କ ପାଇଁ ଜାରି କରାଯିବ। ତେବେ ଏହି ଫିଚର୍ ମାଧ୍ୟମରେ ହ୍ୱାଟ୍ସଆପ୍‌ର ଆଇଓଏସ୍ ୟୁଜର୍ ନିଜ ପସନ୍ଦ ଅନୁସାରେ, ଏହି ଆପ୍ ପାଇଁ କୌଣସି ରଙ୍ଗ ବାଛିପାରିବେ। ଅବଶ୍ୟ ଏଥିପାଇଁ ବ୍ୟବହାରକାରୀଙ୍କୁ ସେଟିଂର ଆପିୟରାନ୍ସ ସୂଚୀରେ ୫ଟି ଭିନ୍ନ ଭିନ୍ନ ପ୍ରକାର ରଙ୍ଗ (ସବୁଜ, ନୀଳ, ଧଳା, ଗୋଲାପି, ଈଷତ୍ ବାଇଗଣୀ)ର ବିକଳ୍ପ ମିଳିବ। ଏଥିରୁ ନିଜ ପସନ୍ଦର ଗୋଟିଏ ରଙ୍ଗକୁ ବାଛି ଅତି ସହଜରେ ସେମାନେ ଆପ୍‌ର ରଙ୍ଗକୁ ବଦଳାଇବାକୁ ସକ୍ଷମ ହେବେ। କେବଳ ସେତିକି ନୁହେଁ, ହ୍ୱାଟ୍ସଆପ୍ ତା'ର ୱେବ୍ ବ୍ୟବହାରକାରୀଙ୍କ ପାଇଁ ମଧ୍ୟ ଡାର୍କ ଥିମ୍ ଜାରି କରିପାରେ।




# ସମ୍ଭାବନା



## ପରୀକ୍ଷାର ଦିନକ ପୂର୍ବରୁ...



**ପରୀକ୍ଷା ପାଖେଇ ଆସିଲେ ଅନେକ ଛାତ୍ରଛାତ୍ରୀ ଚିନ୍ତାରେ ରହିଥାନ୍ତି। ବେଳେ ବେଳେ ସେମାନଙ୍କର ପରୀକ୍ଷା ଚାପ ଏତେ ବେଶି ବଢ଼ିଯାଏ ଯେ, ପଢ଼ା ଉପରେ ସେମାନେ ଧ୍ୟାନ ଦେଇ ପାରନ୍ତି ନାହିଁ। ସେହିପରି ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ବିଦ୍ୟାର୍ଥୀଙ୍କ ଏହି ଚିନ୍ତା ଦ୍ୱିଗୁଣିତ ହୋଇଥାଏ। ତେବେ ଏହି ସମୟରେ ନିଜକୁ କିଭଳି ପ୍ରସ୍ତୁତ କରିବା ଦରକାର, ସେ ସମ୍ପର୍କରେ ଆସନ୍ତୁ ଜାଣିବା...**

- ପରୀକ୍ଷା ଚାପରୁ ନିଜକୁ ଯଥାସମ୍ଭବ ଦୂରେଇ ରଖନ୍ତୁ। ଅତ୍ୟଧିକ ଚାପ ଦ୍ୱାରା ପରୀକ୍ଷାରେ ଭଲ ପ୍ରଦର୍ଶନ କରିବାରେ ସମସ୍ୟା ସୃଷ୍ଟି କରେ।
- ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ଚାପରେ ରହିଲେ, ରାତିରେ ଭଲ ନିଦ ମଧ୍ୟ ହୋଇ ନ ଥାଏ। ଏହା ପରୀକ୍ଷା ଉପରେ କୁ- ପ୍ରଭାବ ପକାଏ।
- ପରୀକ୍ଷାର ପୂର୍ବଦିନ ଭଲରେ ନ ଶୋଇଲେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ। ଦୁର୍ବଳ ଅନୁଭବ ଯୋଗୁଁ ସମସ୍ତ ପ୍ରଶ୍ନର ଉତ୍ତର ଦେବାରେ ସମସ୍ୟା ହୁଏ।
- ବିଳମ୍ବିତ ରାତ୍ରିରେ ଶୋଇଲେ ସକାଳୁ ଶୀଘ୍ର ଉଠିବା ଏକ ପ୍ରମୁଖ ସମସ୍ୟା ହୁଏ। ଏହାସହ ପରୀକ୍ଷା କେନ୍ଦ୍ରରେ ବିଳମ୍ବରେ ପହଞ୍ଚିବା ଆଶଙ୍କା ବୃଦ୍ଧି ପାଇଥାଏ।
- ତେଣୁ ପରୀକ୍ଷାର୍ଥୀଙ୍କୁ ଠିକ୍ ସମୟରେ ଶୋଇବା ଓ ଉଠିବା ଜରୁରି। ସନ୍ତୁଳିତ ଆହାର ଗ୍ରହଣ କରିବା ସହ ପଢ଼ା ସହିତ ନିଦ ଉପରେ ବି ଧ୍ୟାନ ଦେବା ଆବଶ୍ୟକ।

**ପିଲାବେଳେ ଗୀତଟିଏ ଶୁଣି ଦେଲେ ସେ ଭାବପ୍ରବଣ ହୋଇ ଉଠନ୍ତି। ତାଙ୍କ କଣ୍ଠରୁ ଗୁଣୁ ଗୁଣୁ ଶବ୍ଦ ସବୁ ସଙ୍ଗୀତର ମଧୁର ମୂର୍ଚ୍ଛନା ସାଜିଥାନ୍ତି। ଏବେ ସେ ସଙ୍ଗୀତ ସାଧନା କରି ଜଣେ କଣ୍ଠଶିଳ୍ପୀର ପରିଚୟ ଲାଭ କରିଛନ୍ତି। ମଧୁର କଣ୍ଠରେ ଗୀତ ଗାଇ ଶ୍ରୋତାଙ୍କୁ ମତୁଆଲା କରୁଛନ୍ତି। ଏହି ଯୁବ କଣ୍ଠଶିଳ୍ପୀ ଜଣକ ହେଉଛନ୍ତି ବଲାଙ୍ଗୀର, ତୁଷୁରାର ବିପାଶା ବାଗ୍।**



ଲିଲି ଓ ରାହାସ ବିହାରୀଙ୍କ କନ୍ୟା ବିପାଶା। ବର୍ତ୍ତମାନ ସେ ବଲାଙ୍ଗୀର ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପାଠ ପଢୁଛନ୍ତି। ପ୍ରଥମ ଶ୍ରେଣୀରେ ପଢୁଥିବା ସମୟରୁ ଗୀତ ପ୍ରତି ତାଙ୍କର ଦୁର୍ବଳତା ରହିଥଲା। ମା'ଙ୍କ ଠାରୁ ପ୍ରେରଣା ପାଇ ସେ ଗୀତ ଗାଇବା ଆରମ୍ଭ କଲେ। ନବମ ଶ୍ରେଣୀରୁ ସେ ଗୁରୁ ଉମାକାନ୍ତ ସାର୍‌ଙ୍କଠୁ ସଙ୍ଗୀତ ଶିଖିଥିଲେ। ପରେ ବିଦ୍ୟାଳୟ, କଲେଜ ତଥା ବିଭିନ୍ନ ସଭାସମିତି ଓ ଅନୁଷ୍ଠାନରେ ସେ ନିଜ ଯାଦୁକରୀ କଣ୍ଠରେ ଲୋକଙ୍କ ହୃଦୟକୁ ଜିଣି ପ୍ରଶଂସିତ ହେଲେ। ଶାସ୍ତ୍ରୀୟ ସଙ୍ଗୀତକୁ ସେ ନିଜର ବ୍ରତ ଭାବେ ଗ୍ରହଣ କରିଛନ୍ତି। ୨୦୧୬ରେ ପ୍ରାର୍ଥନା ଚ୍ୟାନେଲର ପ୍ରସାରିତ ଭକ୍ତି ଭିତ୍ତିକ ରିଆଲିଟି ଶୋ'ରେ 'ଗୋପାନଗରୀରୁ ଚିଠି ଆସିଛି...' ଗୀତଗାଇ ସମସ୍ତ ବିଚାରପତିଙ୍କ ହୃଦୟକୁ ଜିତିଥିଲେ। ଏହି ଶୋ' ରେ ତୃତୀୟ ପର୍ଯ୍ୟାୟ ପର୍ଯ୍ୟନ୍ତ ପ୍ରତିଭା ପ୍ରଦର୍ଶନ କରିଥିଲେ ବିପାଶା। ଏବେ ଗୁରୁ ନିରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ସେ ନିଜର ସ୍ୱରକୁ ଆହୁରି ସ୍ୱରାୟିତ କରୁଛନ୍ତି। ତାଙ୍କ ଭାଇ ତୁଷାର ବାଗ୍ ମଧ୍ୟ ଜଣେ କଣ୍ଠଶିଳ୍ପୀ। ଏ ଦିଗରେ ତାଙ୍କୁ ଆଗକୁ ବଢିବା ପାଇଁ ସର୍ବଦା ଉତ୍ସାହିତ କରି ଆସୁଛନ୍ତି ବୋଲି କୁହନ୍ତି ବିପାଶା। ସେ ଶ୍ରେୟା ଘୋଷାଲ, କୌଶିକ ଚକ୍ରବର୍ତ୍ତୀଙ୍କୁ ନିଜର ଆଦର୍ଶ ମାନନ୍ତି। ସେ କେବଳ ଜଣେ କଣ୍ଠଶିଳ୍ପୀ ନୁହଁନ୍ତି, ଦକ୍ଷ ନୃତ୍ୟଶିଳ୍ପୀ ମଧ୍ୟ। ମଞ୍ଚରେ ନୃତ୍ୟ ପରିବେଷଣ କରି ସେ ଦର୍ଶକଙ୍କୁ ମୁଗ୍ଧ କରିଦିଅନ୍ତି। ଏହାଛଡ଼ା ବିପାଶା ଜଣେ ମେଧାବୀ ଛାତ୍ରୀ। ଯୁକ୍ତ ଦୁଇରେ ଭାରତୀୟ ସଙ୍ଗୀତ ବିଷୟ ରଖି ତାହାର ବିଭିନ୍ନ ଦିଗ ଉପରେ ସେ ଅଧ୍ୟୟନ ଜାରି ରଖିଛନ୍ତି।

ନିକଟରେ ସେ ଓଡ଼ିଶା ସରକାରଙ୍କ ମହାବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମ 'ନୂଆ - ଓ' ରେ ନିଜ ସ୍ୱରରେ ସମସ୍ତଙ୍କୁ ଝୁମାଇବା ସହ ପ୍ରଥମସ୍ଥାନ ଗ୍ରହଣ କରିଥିଲେ। ତା'ସହ ଜିଲ୍ଲାସ୍ତରକୁ ଉନ୍ନୀତ ହୋଇ ବଲାଙ୍ଗୀର ପାଇଁ ଗୌରବ ଆଣିଛନ୍ତି। ଭବିଷ୍ୟତରେ ଚାକିରି କରିବା ସହ ନିଜର ସଙ୍ଗୀତ କଳାକୁ ଜାରି ରଖିବେ ବୋଲି କହିଛନ୍ତି ବିପାଶା।

